# ମୁଁ ଜଣେ ନିଶାସକ୍ତ କି ?

କେବଳ ଆପଣ ହିଁ ଏହି ପ୍ରଶ୍ନର ଉତ୍ତର ଦେଇପାରିବେ ।

ଏହା କରିବା ଏତେ ସହଜ ହୋଇ ନପାରେ । ଆମର ମାଦକଦ୍ରବ୍ୟ ବ୍ୟବହାର କରୁଥିବା ସମୟରେ ସବୁବେଳେ, ଆମେ ନିଜକୁ ନିଜେ କହୁଥିଲୁ, "ମୁଁ ଏହାକୁ ଚଳାଇପାରିବି" । ଯଦିଓ ପ୍ରଥମେ ପ୍ରଥମେ ଏହା ଠିକ୍ ଥିଲା, ବର୍ତ୍ତମାନ ଏହା ସେପରି ନାହିଁ । ମାଦକଦ୍ରବ୍ୟ ଆମକୁ ନିୟନ୍ତ୍ରଣ କଲା । ଆମେ ଏହା ବ୍ୟବହାର କରିବା ପାଇଁ ବଞ୍ଚିଥିଲୁ ଏବଂ ବଞ୍ଚିବା ପାଇଁ ବ୍ୟବହାର କରୁଥିଲୁ। ସରଳ ଭାବରେ କହିଲେ, ଜଣେ ବ୍ୟକ୍ତି ଯାହାର ଜୀବନ ମାଦକଦ୍ରବ୍ୟ ଦ୍ୱାରା ନିୟନ୍ତ୍ରିତ ସେ ହିଁ ନିଶାସକ୍ତ ।

ହୁଏତ ଆପଣ ମାନୁଛନ୍ତି ଯେ ଆପଣଙ୍କର ମାଦକଦ୍ରବ୍ୟ ଜନିତ ଏକ ସମସ୍ୟା ଅଛି, କିନ୍ତୁ ଆପଣ ନିଜକୁ ଜଣେ ନିଶାସକ୍ତ ବୋଲି ବିଚାର କରନ୍ତି ନାହିଁ । ଜଣେ ନିଶାସକ୍ତ କିଏ ସେ ବିଷୟରେ ଆମ ସମସ୍ତଙ୍କର ପୂର୍ବକଳ୍ପିତ ଧାରଣା ଅଛି। ଜଣେ ନିଶାସକ୍ତ ହୋଇଥିବା କିଛି ଲଜ୍ୟାଜନକ ବିଷୟ ନୁହେଁ, ଯଦି ଥରେ ଆପଣ ସକାରାତ୍ମକ କାର୍ଯ୍ୟ କରିବା ଆରମ୍ଭ କଲେ । ଯଦି ଆପଣ ଆମର ସମସ୍ୟାଗୁଡ଼ିକୁ ଚିହ୍ନଟ କରିପାରିବେ, ଆପଣ ହୁଏତ ଆମର ସମାଧାନଗୁଡ଼ିକୁ ଚିହ୍ନିବାରେ ସକ୍ଷମ ହୋଇପାରିବେ । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ନାର୍କୋଟିକ୍ସ ଅନୋନିମୋସର ସୁଧାର ପଥରେ ଥିବା ନିଶାସକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖା ହୋଇଅଛି । ଆପଣ ଜଣେ ନିଶାସକ୍ତ କି ନୁହେଁ ଯଦି ସେ ବିଷୟରେ କିଛି ସନ୍ଦେହ ଅଛି, କିଛି ସମୟ ନେଇ ନିମ୍ନରେ ଥିବା ପ୍ରଶ୍ନଗୁଡ଼ିକୁ ପଢନ୍ତୁ ଏବଂ ଯଥା ସମ୍ଭବ ସାଧୁତାର ସହିତ ସେଗୁଡ଼ିକର ଉତ୍ତର ଦିଅନ୍ତୁ ।

୧. ଆପଣ କେବେ ଏକୁଟିଆ ମାଦକଦ୍ରବ୍ୟ ବ୍ୟବହାର କରନ୍ତି କି ? ହଁ ☐ ନା ☐

୨. ଗୋଟିଏ ନିର୍ଦ୍ଦିଷ୍ଟ ମାଦକଦ୍ରବ୍ୟ ସମସ୍ୟା ହୋଇଯାଇଥିଲା ଭାବି, ଆପଣ କେବେ ତାହା ବଦଳରେ ଅନ୍ୟ ଏକ ମାଦକଦ୍ରବ୍ୟ ବ୍ୟବହାର କରିଛନ୍ତି କି ? ହଁ ☐ ନା ☐

୩. ଆପଣ କେବେ କୌଣସି ଡାକ୍ତରଙ୍କୁ ପରାମର୍ଶିତ ମାଦକଦ୍ରବ୍ୟ ପାଇବା ପାଇଁ ଚାଲାକି କରିଛନ୍ତି କିମ୍ବା ମିଛ କହିଛନ୍ତି କି ? ହଁ ☐ ନା ☐

୪. ଆପଣ କେବେ ମାଦକଦ୍ରବ୍ୟ ଚୋରି କରିଛନ୍ତି କିମ୍ବା ମାଦକଦ୍ରବ୍ୟ ପାଇବା ପାଇଁ ଚୋରି କରିଛନ୍ତି କି ? ହଁ ☐ ନା ☐

୫. ଆପଣ ନିଦରୁ ଉଠିବା ପରେ କିମ୍ବା ଶୋଇବାକୁ ଯିବାବେଳେ ନିୟମିତ ମାଦକଦ୍ରବ୍ୟ ବ୍ୟବହାର କରନ୍ତି କି ? ହଁ ☐ ନା ☐

୬. ଆପଣ କେବେ ଗୋଟିଏ ମାଦକଦ୍ରବ୍ୟର ପ୍ରଭାବରୁ ବାହାରିବା ପାଇଁ ଅନ୍ୟ ଏକ ମାଦକଦ୍ରବ୍ୟ ବ୍ୟବହାର କରିଛନ୍ତି କି ? ହଁ ☐ ନା ☐

୭. ଆପଣଙ୍କର ମାଦକଦ୍ରବ୍ୟ ବ୍ୟବହାରକୁ ସ୍ୱୀକୃତି ଦେଉନଥିବା ବ୍ୟକ୍ତି କିମ୍ବା ସ୍ଥାନଠାରୁ ଆପଣ ଦୂରେଇ ରହନ୍ତି କି ? ହଁ ☐ ନା ☐

୮. ଏହା କଣ କିମ୍ବା ଆପଣଙ୍କର ଏହା କଣ କରିବ ନଜାଣି ଆପଣ କେବେ କୌଣସି ମାଦକଦ୍ରବ୍ୟ ବ୍ୟବହାର କରିଛନ୍ତି କି ? ହଁ ☐ ନା ☐

୯. ଆପଣଙ୍କର ପାଠପଢା କିମ୍ବା କାର୍ଯ୍ୟ ସମ୍ପାଦନ କେବେ ଆପଣଙ୍କ ମାଦକଦ୍ରବ୍ୟ ବ୍ୟବହାରର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି କି ? ହଁ ☐ ନା ☐

୧୦. ମାଦକଦ୍ରବ୍ୟ ବ୍ୟବହାରର ପରିଣାମ ସ୍ୱରୂପ ଆପଣ କେବେ ଗିରଫ ହୋଇଛନ୍ତି କି ? ହଁ ☐ ନା ☐

୧୧. ଆପଣ କଣ କିମ୍ବା କେତେ ପରିମାଣରେ ବ୍ୟବହାର କରନ୍ତି ସେ ବିଷୟରେ କେବେ ମିଛ କହିଛନ୍ତି କି ? ହଁ ☐ ନା ☐

୧୨. ଆପଣ ମାଦକ ଦ୍ରବ୍ୟ କ୍ରୟକୁ ଆପଣଙ୍କର ଆର୍ଥିକ ଦାୟିତ୍ୱଠାରୁ ଅଗ୍ରାଧିକାର ଦିଅନ୍ତି କି ? ହଁ ☐ ନା ☐

୧୩. ଆପଣଙ୍କର ମାଦକଦ୍ରବ୍ୟ ବ୍ୟବହାରକୁ ବନ୍ଦ କିମ୍ବା ନିୟନ୍ତ୍ରଣ କରିବାକୁ ଆପଣ କେବେ ଚେଷ୍ଟା କରିଛନ୍ତି କି ? ହଁ ☐ ନା ☐

୧୪. ଆପଣଙ୍କର ମାଦକଦ୍ରବ୍ୟ ବ୍ୟବହାର କାରଣରୁ ଆପଣ କେବେ ଜେଲ, ଡାକ୍ତରଖାନା, କିମ୍ବା ନିଶା ନିବାରଣ କେନ୍ଦ୍ରକୁ ଯାଇଛନ୍ତି କି ? ହଁ ☐ ନା ☐

୧୫. ମାଦକଦ୍ରବ୍ୟ ବ୍ୟବହାର ଆପଣଙ୍କର ଶୋଇବା କିମ୍ବା ଖାଇବାକୁ ବାଧାପ୍ରାପ୍ତ କରିଛି କି ? ହଁ ☐ ନା ☐

୧୬. ମାଦକଦ୍ରବ୍ୟ ସରିଯିବାର ଚିନ୍ତା ଆପଣଙ୍କୁ ଭୟଭୀତ କରେ କି ? ହଁ ☐ ନା ☐

୧୭. ମାଦକଦ୍ରବ୍ୟ ବିନା ବଞ୍ଚିବା ଆପଣଙ୍କ ପାଇଁ ଅସମ୍ଭବ ବୋଲି ଆପଣ ଅନୁଭବ କରନ୍ତି କି ? ହଁ ☐ ନା ☐

୧୮. ଆପଣ କେବେ ନିଜର ପ୍ରକୃତିସ୍ଥତାକୁ ନେଇ ନିଜକୁ ପ୍ରଶ୍ନ କରିଛନ୍ତି କି ? ହଁ ☐ ନା ☐

୧୯. ମାଦକଦ୍ରବ୍ୟ ବ୍ୟବହାର ଆପଣଙ୍କର ପାରିବାରିକ ଜୀବନକୁ ଅଶାନ୍ତ କରୁଛି କି ? ହଁ ☐ ନା ☐

୨୦. ଆପଣ ମାଦକଦ୍ରବ୍ୟ ବିନା କେଉଁଠି ନିଜକୁ ଖାପ ଖୁଆଇ ପାରୁନାହାନ୍ତି କିମ୍ବା ଭଲରେ ସମୟ କାଟିପାରୁନାହାନ୍ତି ବୋଲି କେବେ ଭାବିଛନ୍ତି କି ? ହଁ ☐ ନା ☐

୨୧. ଆପଣଙ୍କର ମାଦକଦ୍ରବ୍ୟ ବ୍ୟବହାରକୁ ନେଇ ଆପଣ କେବେ ରକ୍ଷଣାତ୍ମକ, ଦୋଷୀ, କିମ୍ବା ଲଜ୍ଜିତ ଅନୁଭବ କରିଛନ୍ତି କି ? ହଁ ☐ ନା ☐

୨୨. ଆପଣ ମାଦକଦ୍ରବ୍ୟ ବିଷୟରେ ଅତ୍ୟଧିକ ଚିନ୍ତା କରନ୍ତି କି ? ହଁ ☐ ନା ☐

୨୩. ଆପଣଙ୍କର ଅହେତୁକ କିମ୍ବା ଅବର୍ଣ୍ଣନୀୟ ଭୟ ଆସେ କି ? ହଁ ☐ ନା ☐

୨୪. ମାଦକଦ୍ରବ୍ୟର ବ୍ୟବହାର ଆପଣଙ୍କର ଯୌନ ସଂପର୍କକୁ ପ୍ରଭାବିତ କରିଛି କି ? ହଁ ☐ ନା ☐

୨୫. ଆପଣ ପସନ୍ଦ କରୁନଥିବା ମାଦକଦ୍ରବ୍ୟ କେବେ ବ୍ୟବହାର କରିଛନ୍ତି କି ? ହଁ ☐ ନା ☐

୨୬. ଆବେଗିକ ଯନ୍ତ୍ରଣା କିମ୍ବା ମାନସିକ ଚାପ ଯୋଗୁଁ ଆପଣ କେବେ ମାଦକଦ୍ରବ୍ୟ ବ୍ୟବହାର କରିଛନ୍ତି କି ? ହଁ ☐ ନା ☐

୨୭. କୌଣସି ମାଦକଦ୍ରବ୍ୟ ଯୋଗୁଁ ଆପଣଙ୍କର କେବେ ଅତ୍ୟଧିକ ନିଶାସକ୍ତ ଅବସ୍ଥା ହୋଇଛି କି ? ହଁ ☐ ନା ☐

୨୮. ନାକରାତ୍ମକ ପରିଣାମ ସତ୍ତ୍ୱେ ଆପଣ ମାଦକଦ୍ରବ୍ୟ ବ୍ୟବହାର ଜାରି ରଖିଛନ୍ତି କି ? ହଁ ☐ ନା ☐

୨୯. ମାଦକଦ୍ରବ୍ୟ ଆପଣଙ୍କର ଏକ ସମସ୍ୟା ହୋଇଥାଇପାରେ ବୋଲି ଆପଣ ଭାବୁଛନ୍ତି କି ? ହଁ ☐ ନା ☐

"ମୁଁ ଜଣେ ନିଶାସକ୍ତ କି ?" ଏହା ଏକ ପ୍ରଶ୍ନ ଯାହାର ଉତ୍ତର କେବଳ ଆପଣ ହିଁ ଦେଇପାରିବେ। ଆମେ ଦେଖିଲୁ ଯେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଆମେ ସମସ୍ତେ ଭିନ୍ନ ଭିନ୍ନ ସଂଖ୍ୟକ "ହଁ" ରେ ଭରିଲୁ । ପ୍ରକୃତ ସଂଖ୍ୟକ "ହଁ" ର ଉତ୍ତର ଯେତେ ଗୁରୁତ୍ୱପୂର୍ଣ୍ଣ ନଥିଲା, ସେତେଟା ଗୁରୁତ୍ୱପୂର୍ଣ୍ଣ ଥିଲା, ଆମେ ଭିତରେ କିପରି ଅନୁଭବ କରୁଥିଲୁ ଏବଂ ଆସକ୍ତି ଆମ ଜୀବନକୁ କିପରି ପ୍ରଭାବିତ କରିଥିଲା।

ଏପରିକି ଏଗୁଡ଼ିକ ଭିତରୁ କେତେକ ପ୍ରଶ୍ନରେ ମାଦକଦ୍ରବ୍ୟର ଉଲ୍ଲେଖ ହିଁ ନାହିଁ । ଏହାର କାରଣ ହେଉଛି ଯେ ଆସକ୍ତି ଏକ ଅଦୃଶ୍ୟ ଭାବରେ କ୍ଷତିକାରକ ରୋଗ ଯାହା ଆମ ଜୀବନର ସବୁ କ୍ଷେତ୍ରକୁ ପ୍ରଭାବିତ କରିଥାଏ – ଏପରିକି ସେହି କ୍ଷେତ୍ରଗୁଡ଼ିକ ଯାହାର ପ୍ରଥମରୁ ମାଦକଦ୍ରବ୍ୟ ସହିତ କୌଣସି ସମ୍ପର୍କ ନଥିବା ପରି ଲାଗେ। ଆମେ ବ୍ୟବହାର କରୁଥିବା ବିଭିନ୍ନ ମାଦକଦ୍ରବ୍ୟ ଯେତେ ଗୁରୁତ୍ୱପୂର୍ଣ୍ଣ ନଥିଲା, ସେତେଟା ଗୁରୁତ୍ୱପୂର୍ଣ୍ଣ ଥିଲା ଆମେ ସେଗୁଡ଼ିକୁ କାହିଁକି ବ୍ୟବହାର କରୁଥିଲୁ ଏବଂ ତାହା ଆମର କଣ କରୁଥିଲା ।

ଯେତେବେଳେ ଆମେ ପ୍ରଥମେ ଏହି ପ୍ରଶ୍ନଗୁଡ଼ିକୁ ପଢ଼ିଲୁ, ଆମେ ବୋଧହୁଏ ନିଶାସକ୍ତ ବୋଲି ଭାବିବା ଆମକୁ ଭୟଭୀତ କରୁଥିଲା । ଆମ ଭିତରୁ କେତେଜଣ ଏହି ଭାବନରୁ ମୁକ୍ତ ହେବା ଚେଷ୍ଟାରେ କହୁଥିଲୁ :

"ହେ...! ସେ ପ୍ରଶ୍ନଗୁଡିକର କିଛି ତାତ୍ପର୍ଯ୍ୟ ନାହିଁ ;"

କିମ୍ବା

"ମୁଁ ଟିକିଏ ଅଲଗା । ମୁଁ ଜାଣେ ମୁଁ ମାଦକଦ୍ରବ୍ୟ ବ୍ୟବହାର କରୁଛି, କିନ୍ତୁ ମୁଁ ଜଣେ ନିଶାସକ୍ତ ନୁହେଁ। ମୋର ବାସ୍ତବରେ ଆବେଗ/ପରିବାର/କର୍ମ ସମ୍ବନ୍ଧୀୟ ସମସ୍ୟା ଅଛି ;"

କିମ୍ବା

"ମୋର ବର୍ତ୍ତମାନ କଠିନ ସମୟ ଚାଲିଥିବାରୁ ମୁଁ ସବୁକିଛି ଠିକ କରିପାରୁନାହିଁ ;"

କିମ୍ବା

"ଯେତେବେଳେ ମୁଁ ସଠିକ୍ ବ୍ୟକ୍ତି/କର୍ମ ପାଇଯିବି, ମୁଁ ବନ୍ଦ କରିବାକୁ ସକ୍ଷମ ହୋଇପାରିବି, ଇତ୍ୟାଦି ଇତ୍ୟାଦି ।"

ଯଦି ଆପଣ ଜଣେ ନିଶାସକ୍ତ, ସୁଧାର ଦିଗକୁ ଅଗ୍ରସର ହେବା ପୂର୍ବରୁ ଆପଣଙ୍କୁ ନିହାତି ମାନିବାକୁ ପଡିବ ଯେ ଆପଣଙ୍କର ମାଦକଦ୍ରବ୍ୟ ଜନିତ ଏକ ସମସ୍ୟା ଅଛି । ଯେତେବେଳେ, ଏହି ପ୍ରଶ୍ନଗୁଡିକୁ ସାଧୁତାର ସହିତ ସାମ୍ନା କରାଯାଏ, ମାଦକଦ୍ରବ୍ୟର ବ୍ୟବହାର ଆପଣଙ୍କ ଜୀବନକୁ କିପରି ଭାବରେ ଅଣାୟତ କରିଅଛି ତାହା ଦର୍ଶାଇବାରେ ସାହାଯ୍ୟ କରିପାରେ। ଆସକ୍ତି ଏକ ରୋଗ, ଯାହା ସୁଧାର ବିନା ଜେଲ, ଅନୁଷ୍ଠାନ ଏବଂ ମୃତ୍ୟୁରେ ଶେଷ ହୋଇଥାଏ । ଆମ ଭିତରୁ ଅନେକ ନାର୍କୋଟିକ୍ସ ଅନୋନିମୋସକୁ ଆସିଲୁ, କାରଣ ମାଦକଦ୍ରବ୍ୟଠାରୁ ଆମେ ଯାହା ଆଶା କରୁଥିଲୁ ତାହା ମିଳିବା ବନ୍ଦ ହୋଇଗଲା । ଆସକ୍ତି ଆମର ସ୍ବାଭିମାନ, ଆତ୍ମସମ୍ମାନ, ପରିବାର, ପ୍ରିୟଜନ ଏବଂ ଏପରିକି ଆମର ବଞ୍ଚିବାର ଇଚ୍ଛାକୁ ମଧ୍ୟ ଛଡାଇ ନିଏ । ଯଦି ଆସକ୍ତିରେ ଆପଣ ଏହି ସ୍ଥିତିରେ ପହଞ୍ଚି ନାହାନ୍ତି, ତେବେ ପହଞ୍ଚିବାର ମଧ୍ୟ ଆବଶ୍ୟକତା ନାହିଁ । ଆମେ ଦେଖିଲୁ ଯେ ଆମର ନିଜର ନର୍କ ଆମ ଭିତରେ ହିଁ ଥିଲା । ଯଦି ଆପଣ ସାହାଯ୍ୟ ଚାହାନ୍ତି, ଆପଣ ତାହା ନାର୍କୋଟିକ୍ସ ଅନୋନିମୋସ୍ ର ସମାଗମରେ ପାଇପାରିବେ ।

"ଆମେ ନାର୍କୋଟିକ୍ସ ଅନୋନିମୋସର ପହଞ୍ଚିବା ଏବଂ ପାଇବା ପର୍ଯ୍ୟନ୍ତ ଆମେ ଏକ ଉତ୍ତର ପାଇଁ ଖୋଜି ବୁଲୁଥିଲୁ। ଆମେ ପରାସ୍ତ ହୋଇ ଆମର ପ୍ରଥମ ଏନଏ ସଭାକୁ ଆସିଥିଲୁ ଏବଂ ଜାଣି ନଥିଲୁ ଏଠୁ କଣ ଆଶା କରାଯାଇପାରେ। ଏକ ବା ଏକାଧିକ ସଭାରେ ବସିବା ପରେ ଆମେ ଅନୁଭବ କରିବା ଆରମ୍ଭ କଲୁ ଯେ ଏଠି ଲୋକମାନେ ଯତ୍ନ ନେବା ଏବଂ ସାହାଯ୍ୟ କରିବାକୁ ଇଚ୍ଛୁକ । ଯଦିଓ ଆମର ମନ ଆମକୁ କହୁଥିଲା ଆମେ କେବେବି ପାରିବୁନାହିଁ, ସମାଗମରେ ଥିବା ଲୋକମାନେ ଆମକୁ ଦୃଢତାର ସହ ଆଶା ପ୍ରଦାନ କରିଚାଲୁଥିଲେ ଯେ 'ଆମେ ଠିକ୍ ହୋଇପାରିବୁ' । ସମାଗମରେ ନିଶାସକ୍ତମାନଙ୍କ ଗହଣରେ, ଆମେ ହୃଦୟଙ୍ଗମ କଲୁ ଯେ ଆମେ ଆଉ ଏକୁଟିଆ ନାହୁଁ। ଆମ ସଭାରେ ସୁଧାର ହିଁ ହୁଏ । ଆମ ଜୀବନ ବିପଦଶଙ୍କୁଳ ଅଟେ । ଆମେ ସୁଧାର କୁ ପ୍ରାଥମିକତା ଦେବା ଦ୍ବାରା ଦେଖିଲୁ ଯେ କାର୍ଯ୍ୟକ୍ରମଟି କାମକରେ । ଆମେ ତିନୋଟି ବିବ୍ରତକାରୀ ବାସ୍ତବିକତାର ସମ୍ମୁଖୀନ ହେଲୁ :

୧. ଆମେ ଆଶକ୍ତି ଆଗରେ ଶକ୍ତିହୀନ ଏବଂ ଆମର ଜୀବନ ଅଣାୟତ ହୋଇଯାଇଛି ;
୨. ଯଦିଓ ଆମେ ଆମର ରୋଗ ପାଇଁ ଦାୟୀ ନୁହେଁ, ଆମେ ଆମର ସୁଧାର ପାଇଁ ଦାୟୀ ;
୩. ଆମେ ଅନ୍ୟମାନଙ୍କୁ, ସ୍ଥାନକୁ, ଏବଂ ଦ୍ରବ୍ୟକୁ ଆମର ଆସକ୍ତି ପାଇଁ ଆଉ ଦୋଷ ଦେଇପାରିବା ନାହିଁ। ଆମକୁ ଆମର ସମସ୍ୟା ଏବଂ ଭାବନାଗୁଡିକୁ ନିଶ୍ଚିତ ଭାବରେ ସାମ୍ନା କରିବାକୁ ପଡିବ ।

ସୁଧାର ପାଇଁ ମୁଖ୍ୟ ଅସ୍ତ୍ର ହେଉଛି ସୁଧାର ପଥରେ ଥିବା ବ୍ୟକ୍ତିମାନେ ।"[1]

[1] *Narcotics Anonymous,* ପ୍ରାଥମିକ ପାଠ୍ୟ

Copyright © 2019 by
Narcotics Anonymous World Services, Inc.
ସର୍ବସତ୍ଵ ଅଧିକୃତ

World Service Office
PO Box 9999
Van Nuys, CA 91409 USA
T +1/818.773.9999
Website: www.na.org

World Service Office–CANADA
Mississauga, Ontario

World Service Office–EUROPE
Brussels, Belgium
T +32/2/646 6012

World Service Office–IRAN
Tehran, Iran
www.wsoiran.org

ଏହା ହେଉଛି ଏନଏ ଫେଲୋସିପ୍‌ର ଅନୁବାଦ- ଅନୁମୋଦିତ ଲେଖା ।

Narcotics Anonymous, , , , ଆଣ୍ଡ The NA Way ହେଉଛି Narcotics Anonymous World Services, Incorporated ର ଏକ ପଞ୍ଜୀକୃତ ଟ୍ରେଡ୍‌ମାର୍କ ।

ISBN 978-1-63380-196-7 Odia 12/25
WSO Catalog Item No. OR3107

Narcotics Anonymous®

ନାର୍କୋଟିକ୍ସ ଆନୋନିମସ୍

IP ଆଇ ପି ୭ 7-OR

# ମୁଁ ଜଣେ ନିଶାସକ୍ତ କି ?